# ODM PUBLIC SCHOOL

**SESSION : 6**
**CLASS : v**
**SUBJECT : (ଓଡ଼ିଆ)**
**CHAPTER NUMBER:06**
**CHAPTER NAME: ମାନିଆରୁ ମାଡାମ କ୍ୟୁରୀ**
**SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ମାନିଆଙ୍କ ଶେଷ ଜୀବନ ବିଷୟରେ ଜାଣିବା ।

# ମାନିଆରୁ ମାଡାମ କ୍ୟୁରୀ ।

ODM EDUCATIONAL GROUP
Changing your Tomorrow

ଶୈଳେଶ ଚନ୍ଦ୍ର ପଟ୍ଟନାୟକ

ମାଡାମ କ୍ୟୁରୀ ତାଙ୍କ ସ୍ୱାମୀଙ୍କୁ ଖୁବ୍ ଭଲ ପାଉଥିଲେ ।ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସବୁଦିନେ ତାଙ୍କୁ ମନେ ପକାନ୍ତି,ତାଙ୍କ ଉଦ୍ଦେଶ୍ୟରେ ଚିଠି ଲେଖନ୍ତି । ହେଲେ ସେ ଚିଠି ସ୍ୱାମୀଙ୍କ ନିକଟରେ ପହଞ୍ଚେ ନାହିଁ । ଗୋଟିଏ ଚିଠିରେ ସେ ଲେଖିଥିଲେ-

'ହେ ମୋର ପ୍ରିୟ ପେରି,ତୁମେ ଆଲୋକକୁ ଭଲ ପାଅ,ଫୁଲକୁ ଭଲ ପାଅ । ଆଜି ଜଗତରେ କେତେ ଆଲୋକ,ବଗିଚାରେ କେତେ ଫୁଲ । ଅଥଚ ତୁମେ ଯେଉଁ ଅନ୍ଧାରରେ ମୋତେ ଛାଡ଼ି ଯାଇଥିଲ,ମୁଁ ସେହି ଅନ୍ଧାରରେ ଅଛି ।'

(ଇତି)

ତୁମର ମେରୀ

ଏହା ଥିଲା ମେରୀଙ୍କର ଶେଷ ଚିଠି ।

# କଠିନ ଶବ୍ଦର ଅର୍ଥ

ଉଦ୍ଦେଶ୍ୟ –ପାଇଁ
ଜଗତ – ବିଶ୍ୱ

# ମାନିଆରୁ ମାଡାମ କ୍ୟୁରୀ

ODM EDUCATIONAL GROUP
Changing your Tomorrow

ମେରୀ କ୍ରମେ ଅସୁସ୍ଥ ଓ ଦୁର୍ବଳ ହୋଇପଡିଲେ । ଡାକ୍ତରମାନେ ନିଜର ପାରୁପର୍ଯ୍ୟନ୍ତ ତାଙ୍କର ଚିକିତ୍ସା କଲେ; କିନ୍ତୁ କିଛି ଫଳ ହେଲା ନାହିଁ ।ଦିନେ ସେ ଶୋଇଗଲେ ଯେ ଆଉ ଉଠିଲେ ନାହିଁ । ୧୯୩୪ ମସିହା ଜୁଲାଇ ୩ ତାରିଖ ଦିନ ତାଙ୍କ ଜୀବନ-ଦୀପ ଲିଭିଗଲା । ଡାକ୍ତରମାନେ କହିଲେ ଯେ ମେରୀଙ୍କ ମୃତ୍ୟୁର କାରଣ ହେଉଛି ରେଡ଼ିୟମ ।ରେଡ଼ିୟମର ସଂସର୍ଗରେ ବାରମ୍ବାର ଆସିବା ରୁ ତା'ର ମାରାତ୍ମକ ବିଷ ତାଙ୍କ ଦେହରେ ଚରିଯାଇଥିଲା । ତାଙ୍କ ରକ୍ତ ବିଷାକ୍ତ ହୋଇଯାଇଥିଲା । ଦୀପଟିଏ ପରି ସେ ଜଳି ଜଳି ଗଲେ; ଅଥଚ ଜଗତକୁ ଦେଇଗଲେ ଏକ ଅଲିଭା ଆଲୋକ । ଯେଉଁ ରେଡ଼ିୟମ ଯୋଗେ ତାଙ୍କର ଜୀବନ ଗଲା,ସେଇ ରେଡ଼ିୟମ ଆଜି ପୃଥିବୀର କୋଟି କୋଟି କର୍କଟ ରୋଗୀଙ୍କୁ ମରଣ ମୁହଁରୁ ଫେରାଇଆଣିପାରୁଛି ।

# କଠିନ ଶବ୍ଦର ଅର୍ଥ

ଶୋଇଗଲେ –ମୃତ୍ୟୁବରଣ କରିବା
ସଂସର୍ଗ –ସଂସ୍ପର୍ଶ
ମାରାତ୍ମକ – ଭୟାନକ
ଅଲିଭା –ଯାହା ଲିଭେ ନାହିଁ

# ଗୃହକର୍ମ

ଆଲୋଚିତ ପ୍ରଶ୍ନ ୪ ର ଉତ୍ତର ଖାତାରେ ଲେଖ ।

# LEARNING OUTCOME:

ବିଷୟ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP